ଏସ୍ ଏଚ୍. ଏସ୍. କେ. ବୈଶ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

11 ସେପ୍ଟେମ୍ବର, 1996

[କେ. ରାମାସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ସେବା ଆଇନ :*

*ଦକ୍ଷତା ସ୍ତର – ଅତିକ୍ରମ କରିବା – କର୍ମଚାରୀଙ୍କୁ ନିଲମ୍ବନ ଅଧୀନରେ ରଖାଯାଇଥିଲା ଏବଂ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟବିଧି ଆରମ୍ଭ ହୋଇଥିଲା – ବାଧ୍ୟତାମୂଳକ ଅବସରର ଦଣ୍ଡ ଲାଗୁ କରାଗଲା – ଅପିଲ କରିବାରୁ ବିଭାଗ ନିର୍ଦ୍ଦେଶ ଦେଇଛି ଯେ, ଦଣ୍ଡକୁ ଆଂଶିକ ଭାବରେ ନିଲମ୍ବନ ଏବଂ ଆଂଶିକ ଭାବରେ ସେବା ଭାବରେ ବିବେଚନା କରାଯିବ – ନ୍ୟାୟାଧିକରଣ ନିର୍ଦ୍ଦେଶ ଦେଇଛନ୍ତି ଯେ, କର୍ମଚାରୀଙ୍କୁ ଦରମା ଏବଂ ଭତ୍ତା ସମେତ ସମସ୍ତ ଉଦ୍ଦେଶ୍ୟରେ ସେବାରେ ଥିବାର ବିବେଚନା କରାଯିବ – ଏହା ମଧ୍ୟ ଦର୍ଶାଯାଇଛି ଯେ, ଡିପିସି ଦକ୍ଷତା ସ୍ତର ପାଇଁ ତାଙ୍କ ମାମଲା ବିଚାର କରିଥିଲେ ଏବଂ ତାଙ୍କୁ ଅନୁପଯୁକ୍ତ ବୋଲି ଦର୍ଶାଇଥିଲେ ଏବଂ ତେଣୁ କର୍ମଚାରୀ ଦକ୍ଷତା ସ୍ତର ଅତିକ୍ରମ କରିବା ପାଇଁ ହକଦାର ନୁହଁନ୍ତି – ଅପିଲରେ ଦର୍ଶାଯାଇଥିଲା ଯେ, ପୁନଃପଦସ୍ଥୀକରଣ ପରେ କର୍ମଚାରୀ କ୍ୱଚିତ୍ ତିନି ମାସ କାମ କରିଥିଲେ – କ୍ରମାଗତ ତିନି ବର୍ଷ ଧରି ତାଙ୍କ ବିରୋଧରେ ପ୍ରତିକୂଳ ପ୍ରବିଷ୍ଟି ହୋଇଥିଲା – ଡିପିସି ସୁପାରିଶ କରିଥିଲେ ଯେ, ସେ ଦକ୍ଷତା ସ୍ତରକୁ ଅତିକ୍ରମ କରିବା ପାଇଁ ଅଯୋଗ୍ୟ ଥିଲେ – ନ୍ୟାୟାଧିକରଣ ଏହି ସ୍ଥିତିକୁ ଗ୍ରହଣ କରିଥିଲେ – ତେଣୁ କୌଣସି ହସ୍ତକ୍ଷେପ ଆବଶ୍ୟକ ନଥିଲା ।*

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 19774/1996

ଓ. ଏ. ସଂଖ୍ୟା 978/1992 ରେ ଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 15.2.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ସନ୍ତ ଲାଲ, ପ୍ରଦୀପ କୁମାର ଏବଂ ବି. ଏସ୍. ଗୁପ୍ତା

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

**ଏସ୍. କେ. ବୈଶ ବନାମ ୟୁ. ଓ. ଆଇ:**

ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ସିଏଟି, ମୁଖ୍ୟ ବିଚାରପୀଠ, ନୂଆଦିଲ୍ଲୀଙ୍କ ଦ୍ୱାରା ଓ. ଏ. ନଂ. 978/92ରେ କରାଯାଇଥିବା 15 ଫେବୃଆରୀ, 1996ରେ ଆଦେଶ ବିରୁଦ୍ଧରେ ଦାଖଲ କରାଯାଇଛି । ସ୍ୱୀକୃତ ସ୍ଥିତି ହେଉଛି ଯେ, ଆବେଦନକାରୀଙ୍କୁ 16 ଏପ୍ରିଲ 1979 ରେ ଟେଲିକମ୍ ଯାନ୍ତ୍ରିକ ସେବା ବର୍ଗ 'ବି' ରେ ସହକାରୀ ଯନ୍ତ୍ରୀ ଭାବରେ ପଦୋନ୍ନତି ପରେ ନିଲମ୍ବନ କରାଯାଇଥିଲା ଏବଂ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା । 30 ଜୁନ୍, 1986ରେ ବାଧ୍ୟତାମୂଳକ ଅବସର ଗ୍ରହଣ ମାଧ୍ୟମରେ ଦଣ୍ଡ ଲାଗୁ କରାଯାଇଥିଲା । ଏହାକୁ ଏକ ଅପିଲ ମାଧ୍ୟମରେ ଆପତ୍ତି କରାଯାଇଥିଲା । ଅପିଲ କରିବାରୁ, ବିଭାଗ ନିର୍ଦ୍ଦେଶ ଦେଇଥିଲେ ଯେ, ଦଣ୍ଡକୁ 16 ଫେବୃଆରୀ, 1979 ର କାର୍ଯ୍ୟବିଧି ଦ୍ୱାରା ଆଂଶିକ ଭାବରେ ନିଲମ୍ବନ ଏବଂ ଆଂଶିକ ଭାବରେ ସେବା ଭାବରେ ବିବେଚନା କରାଯିବ । ଯେତେବେଳେ ଆବେଦନକାରୀ ଓ. ଏ. ସଂଖ୍ୟା 1690/90 ରେ ଏହାକୁ ଆପତ୍ତି କରିଥିଲେ, 14 ଫେବୃଆରୀ, 1992 ର ଆଦେଶ ଦ୍ୱାରା ଏହାକୁ ଅନୁମତି ଦିଆଯାଇଥିଲା ଏବଂ ଦରମା ଏବଂ ଭତ୍ତା ସମେତ ସମସ୍ତ ଉଦ୍ଦେଶ୍ୟରେ ତାଙ୍କୁ ସେବାରେ ଥିବାର  ବିବେଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୁନଃପଦସ୍ଥୀକରଣ ପରେ, ଆବେଦନକାରୀ 31 ମଇ, 1992 ରେ ସେବା ନିବୃତ୍ତି କରିବା ପରେ ଚାକିରିରୁ ଅବସର ନେଇଥିଲେ । ଏହା ପୂର୍ବରୁ ସେ ନିଜର ଦକ୍ଷତା ସ୍ତର ଅତିକ୍ରମ କରିବା ପାଇଁ ପ୍ରତିବେଦନ ଦାଖଲ କରିଥିଲେ । ଆକ୍ଷେପିତ ଆଦେଶରେ ନ୍ୟାୟାଧିକରଣ ଦର୍ଶାଇଥିଲେ ଯେ, ଡି. ପି. ସି. ଦକ୍ଷତା ସ୍ତର ପାଇଁ ତାଙ୍କ ମାମଲା ଉପରେ ବିଚାର କରିଥିଲେ ଏବଂ ତାଙ୍କୁ ଉପଯୁକ୍ତ ମନେ କରିନଥିଲେ, ଏବଂ ତେଣୁ ସେ ପ୍ରତିକାର ପାଇବାକୁ ହକଦାର ନୁହଁନ୍ତି । ତେଣୁ, ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ, ଯେତେବେଳେ ତାଙ୍କୁ ସେବାରେ ପୁନଃପଦସ୍ଥୀକରଣ କରାଯାଇଥିଲା ସେତେବେଳେ ତାଙ୍କ ପରବର୍ତ୍ତୀ ନଥିକୁ ଧ୍ୟାନରେ ରଖିବା ପରେ ଦକ୍ଷତା ସ୍ତର ବିଚାର କରାଯିବା ଆବଶ୍ୟକ ଥିଲା । ଯାହା ଦର୍ଶାଯାଇଥିଲା ତାହା 1979-80,1980-81-1981-82 ବର୍ଷ ପାଇଁ ପ୍ରତିକୂଳ ପ୍ରବିଷ୍ଟି ଥିଲା । କର୍ମଚାରୀଙ୍କ ବିଚାରାଧୀନ ମାମଲାଗୁଡ଼ିକୁ ଚତୁର୍ଥ ବେତନ ଆୟୋଗଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ବେତନ ହାର ସହିତ ସମାନ କରିବା ପାଇଁ ସମସ୍ତ ବିଚାରାଧୀନ ମାମଲାଗୁଡ଼ିକ ବିଚାର କରାଯିବା ଉଚିତ ବୋଲି ଓ. ଏମ୍. ସଂଖ୍ୟା 7 (28)/EIII/91ରେ 18 ସେପ୍ଟେମ୍ବର, 1991 ତାରିଖର ଚିଠିରେ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି କୌଣସି ପୁନର୍ବିଚାର କରାଯାଇ ନଥିଲା । ଆବେଦନକାରୀ ଏକ ପ୍ରତିବେଦନ ଦେଇଥିଲେ କିନ୍ତୁ ଏହାକୁ ବିଚାର କରାଯାଇ ନଥିଲା; ଏପରିକି ନଥି ଉପସ୍ଥାପନ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶ ମଧ୍ୟ ପାଳନ କରାଯାଇ ନଥିଲା । ତେଣୁ, ନ୍ୟାୟାଧିକରଣ ସରକାରଙ୍କ ବିରୋଧରେ ପ୍ରତିକୂଳ ସିଦ୍ଧାନ୍ତ ନେବା ଉଚିତ ଥିଲା ଏବଂ ନିର୍ଦ୍ଦେଶ ଦେବା ଉଚିତ ଥିଲା ଯେ, ସେ ଦକ୍ଷତା ସ୍ତର ଅତିକ୍ରମ କରିବାକୁ ହକଦାର ଥିଲେ । ସେ ଏହା ମଧ୍ୟ ଯୁକ୍ତି କରିଥିଲେ ଯେ, ଦକ୍ଷତା ସ୍ତର ଅତିକ୍ରମ

କରିବା ପାଇଁ ପ୍ରଚଳିତ ମୁଦିତ ଆବରଣ ପ୍ରକ୍ରିୟା ଗ୍ରହଣ କରାଯିବା ଉଚିତ ଥିଲା ଏବଂ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ବିଚାରାଧୀନ ଥିବାବେଳେ ଏହାକୁ ବିଚାରାଧୀନ ରଖାଯିବା ଉଚିତ ଥିଲା ।

ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ଆବେଦନକାରୀ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୌଣସି ପରିପତ୍ର ଆମ ଦୃଷ୍ଟିକୁ ଆଣି ନାହାଁନ୍ତି ଏବଂ ଏହା ସ୍ପଷ୍ଟ ଭାବରେ ଅସଙ୍ଗତ ଏହି କାରଣ ପାଇଁ ଯେ, ଆବେଦନକାରୀଙ୍କ ଶୃଙ୍ଖଳାଗତ କାର୍ଯ୍ୟବିଧି ଚୂଡ଼ାନ୍ତ ହେଲେ ଦକ୍ଷତା ସ୍ତର ଅତିକ୍ରମ କରିବାର ପ୍ରଶ୍ନକୁ ବିଚାର କରିବାର କାର୍ଯ୍ୟ ଫଳପ୍ରଦ ହେବ ନାହିଁ । ଦକ୍ଷତା ସ୍ତର ପାଇଁ ମାମଲା ବିଚାର କରିବା ଅନାବଶ୍ୟକ ହେବ । ସେ ଚାକିରିରେ ପୁନଃପଦସ୍ଥୀକରଣ ହେଲେ ହିଁ ତାଙ୍କ ଦକ୍ଷତା ସ୍ତର ଅତିକ୍ରମ କରିବା ଉପରେ ବିଚାର କରିବାର ପ୍ରଶ୍ନ ଉଠିବ । ତେଣୁ, ଦକ୍ଷତା ସ୍ତର ପ୍ରଶ୍ନକୁ ବିଚାରକୁ ନେବାରେ ମୁଦିତ ଆବରଣ ପ୍ରକ୍ରିୟା ଲାଗୁ ହୁଏ ନାହିଁ । ଏହା ଦେଖାଯାଏ ଯେ, ଆବେଦନକାରୀଙ୍କ ଦ୍ୱାରା 8 ଜୁନ୍, 1990 ରେ ପ୍ରତିବେଦନ କରାଯିବା ପରେ, ଏହି ମାମଲା ଡି. ପି. ସି.ଙ୍କ ସମ୍ମୁଖକୁ ବିଚାର ପାଇଁ ପଠାଯାଇଥିଲା । ଡି. ପି. ସି. 21 ଜାନୁଆରୀ, 1992 ରେ ଅନୁଷ୍ଠିତ ହୋଇଥିଲା ଏବଂ ଆବେଦନକାରୀଙ୍କ ନଥି ଉପରେ ବିଚାର କରିଥିଲେ । ପୁନଃପଦସ୍ଥୀକରଣ ପରେ, ସେ ତିନି ମାସ ପାଇଁ କ୍ୱଚିତ୍ କାମ କରିଥିଲେ । ଏହା ଜଣାପଡ଼ିଲା ଯେ, କ୍ରମାଗତ ତିନି ବର୍ଷ ଧରି ଆବେଦନକାରୀଙ୍କ ବିରୋଧରେ ପ୍ରତିକୂଳ ପ୍ରବିଷ୍ଟି ହୋଇଥିଲା । ଫଳସ୍ୱରୂପ, ଆବେଦନକାରୀଙ୍କ ଉପଲବ୍ଧ ନଥିକୁ ବିଚାର କରି ଡିପିସି ସୁପାରିଶ କରିଥିଲେ ଯେ, ସେ ଦକ୍ଷତା ସ୍ତର ଅତିକ୍ରମ କରିବା ପାଇଁ ଅଯୋଗ୍ୟ ଥିଲେ । 1992 ମସିହା ଫେବୃଆରୀ 7 ତାରିଖର ଚିଠି ଜରିଆରେ ଆବେଦନକାରୀଙ୍କୁ ଏହି ସୂଚନା ଦିଆଯାଇଥିଲା । ନ୍ୟାୟାଧିକରଣ ମଧ୍ୟ ଏହି ସ୍ଥିତିକୁ ଗ୍ରହଣ କରିଥିଲେ । ଏହି ପରିସ୍ଥିତିରେ, ନ୍ୟାୟାଧିକରଣ ଦ୍ୱାରା ଜାରି କରାଯାଇଥିବା ଆଦେଶରେ ଆମେ କୌଣସି ବେଆଇନତା ପାଇନାହୁଁ ଯାହା ନୋଟିସ୍ ଜାରି କରିବା ଆବଶ୍ୟକ କରିଥାଏ ।

ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ ହୋଇଛି ।

ଜି. ଏନ୍. ଆବେଦନ ଖାରଜ ହୋଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା

ଶିବାନୀ ଦାଶ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ